# NATIONAL NEWS BULLETIN (ODIA)

## 25 November - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶରୁ ନିଶାର ମୂଳୋତ୍ପାଟନ ପାଇଁ ସରକାର ସମସ୍ତ ପ୍ରୟାସ କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।

– କୁରୁକ୍ଷେତ୍ର ଠାରେ ଗୁରୁ ତେଗ୍ ବାହାଦୂର ସାହେବ ଜୀଙ୍କ ୩୫୦ତମ ସହିଦ୍ ଦିବସ ଅବସରରେ ଯୋଗ ଦେଲେ ।

- ଦେଶ ଆସନ୍ତାକାଲି ପାଳନ କରିବ ସମ୍ବିଧାନ ଦିବସ ।

– ସମ୍ବିଧାନ ସଦନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ।

- ଶୀତ ଋତୁକୁ ଦୃଷ୍ଟିରେ ରଖି ତୀର୍ଥଯାତ୍ରୀଙ୍କ ପାଇଁ ବନ୍ଦ ହେଲା ବଦ୍ରିନାଥ ଧାମ ଯାତ୍ରା ।

ଏବଂ

- ଗୁଆହାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଦ୍ୱିତୀୟ ଇନିଂସରେ ଭାରତ ୨ ୱିକେଟ୍ ହରାଇ ସଂଗ୍ରହ କରିଛି ୨୭ ରନ୍ ।

## ପିଏମ୍-କୁରୁକ୍ଷେତ୍ର

ନିଶା ଅଭ୍ୟାସ ଦେଶର ଯୁବପିଢ଼ିଙ୍କ ସ୍ୱପ୍ନକୁ ଅନ୍ଧକାରମୟ କରିଛି । ସରକାର ଏହାର ମୂଳୋତ୍ପାଟନ ପାଇଁ ସମସ୍ତ ପ୍ରକାରର ପ୍ରୟାସ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ହରିଆଣାର କୁରୁକ୍ଷେତ୍ରଠାରେ ଗୁରୁ ତେଗ୍ ବାହାଦୂର ଜୀଙ୍କ ୩୫୦ତମ ସହିଦ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ସଭ୍ୟତା ଓ ସଂସ୍କୃତି ସବୁବେଳେ ମାନବ କୈନ୍ଦ୍ରିକ ରହିଥିବା ଗୁରୁ ତେଗ୍ ବାହାଦୂର ସାହେବ୍ ଜୀଙ୍କ ଜୀବନାଦର୍ଶରୁ ଶିକ୍ଷା ମିଳିଥାଏ ।

**V/O**

ପୂର୍ବରୁ ଜ୍ୟୋତିସର୍‌ଠାରେ ପ୍ରଧାନମନ୍ତ୍ରୀ ନବନିର୍ମିତ କୋଠା ପଞ୍ଚଜନ୍ୟର ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଭଗବାନ ଶ୍ରୀକୃଷ୍ଣଙ୍କ ପବିତ୍ର ଶଙ୍ଖର ସମ୍ମାନାର୍ଥେ ଏହାର ରୂପରେଖ ଦିଆଯାଇଛି । ଶ୍ରୀ ଗୁରୁ ତେଗ୍ ବାହାଦୂର ଜୀ ସତ୍ୟ, ନ୍ୟାୟ ଏବଂ ବିଶ୍ୱାସକୁ ତାଙ୍କ କର୍ତ୍ତବ୍ୟ ଭାବେ ପାଳନ କରିବା ସହ ମାନବ ସେବା ପାଇଁ ତାଙ୍କ

ଜୀବନକୁ ଉତ୍ସର୍ଗ କରିଥିଲେ । ଶ୍ରୀ ଗୁରୁ ତେଗ୍ ବାହାଦୂର ଜୀଙ୍କ ଭଳି ବ୍ୟକ୍ତିତ୍ୱ ଇତିହାସରେ ବିରଳ ଏବଂ ତାଙ୍କ ଜୀବନ ତ୍ୟାଗ ଏବଂ ଚରିତ୍ର ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ଭାବେ ଉଭା ହୋଇଛି ।

ଶ୍ରୀ ମୋଦୀ' ଏହି ଅବସରରେ ଏକ ସ୍ୱତନ୍ତ୍ର ମୁଦ୍ରା ଏବଂ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିଥିଲେ । ଗୁରୁ ତେଗ ବାହାଦୁରଙ୍କ ୩୫୦ତମ ସହିଦ ଦିବସକୁ ସମ୍ମାନ ଜଣାଇବା ପାଇଁ ସରକାର ବର୍ଷେ ବ୍ୟାପୀ ତାଙ୍କର ସ୍ମୃତିଚାରଣ କରିବା ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ପରେ ସେଠାରେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ବୁଲି ଦେଖିଛନ୍ତି ।

ହରିଆଣା ରାଜ୍ୟପାଳ ପ୍ରଫେସର ଅସିମ୍ କୁମାର ଘୋଷ, ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଏବଂ ହରିଆଣା ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟି ସଭାପତି ଜଗଦିଶ୍ ସିଂହ ଝିନ୍ଦା ପ୍ରମୁଖ ଏହି ସମାରୋହରେ ଯୋଗ ଦେଇଥିଲେ ।

## ସମ୍ବିଧାନ ଦିବସ

ଦେଶ ଆସନ୍ତାକାଲି ସମ୍ବିଧାନ ଦିବସ ପାଳନ କରିବ । ଚଳିତ ବର୍ଷର ସମ୍ବିଧାନର ଦିବସର ବିଷୟ ରହିଛି 'ଆମ ସମ୍ବିଧାନ–ଆମ ସ୍ୱାଭିମାନ' । ସମ୍ବିଧାନ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଆସନ୍ତାକାଲି ନୂଆଦିଲ୍ଲୀର ସମ୍ବିଧାନ

ସଦନର କେନ୍ଦ୍ରୀୟ ହଲ୍‌ରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସାଂସଦ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ସମ୍ବିଧାନର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିବେ।

କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁର୍ମୁ ସମ୍ବିଧାନର ମୁଖବନ୍ଧ ପାଠ କରିବେ ବୋଲି ଜଣାପଡ଼ିଛି । ଏହି ଅବସରରେ ୯ଟି ଭାଷା ମାଲାୟଲମ୍, ମରାଠି, ନେପାଳି, ପଞ୍ଜାବୀ, ବୋଡୋ, କାଶ୍ମିରୀ, ତେଲୁଗୁ, ଓଡ଼ିଆ ଏବଂ ଆସାମୀ ଭାଷାରେ ସମ୍ବିଧାନର ଅନୁବାଦିତ ପୁସ୍ତକ ଉନ୍ମୋଚନ କରାଯିବ । ଏକ ସ୍ମାରକୀ ବୁକ୍‌ଲେଟ୍ ମଧ୍ୟ ଏହି ଅବସରରେ ଉନ୍ମୋଚିତ ହେବାର କାର୍ଯ୍ୟସୂଚୀ ରହିଛି । ସୂଚନା ଯୋଗ୍ୟ ଚଳିତ ବର୍ଷ ସମ୍ବିଧାନ ପ୍ରଣୟନର ୭୬ ବର୍ଷ ପୂର୍ତ୍ତି ପାଳନ କରାଯାଉଛି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ରୂପେ ପାଳନ କରିବା ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରେଜ୍-ଆଇଆର୍‌ଏସ୍ ମିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ରାଷ୍ଟ୍ର ନିର୍ମାଣରେ ରାଜସ୍ୱ ସଂଗ୍ରହର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନୂଆଦିଲ୍ଲୀରେ ଭାରତୀୟ ରାଜସ୍ୱ ସେବାର ୭୬ତମ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ରାଜସ୍ୱ ପାଣ୍ଠିଗୁଡ଼ିକ ଦେଶର ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣ କାର୍ଯ୍ୟରେ ବିନିଯୋଗ ହୋଇଥାଏ । ଏହି ବୈଠକରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ରାଜସ୍ୱ ସଂଗ୍ରହ ସମୟରେ କରଦାତାମାନଙ୍କୁ ଅସୁବିଧାରେ ନ ପକାଇ ସମନ୍ୱୟ ରକ୍ଷା କରି ରାଜସ୍ୱ ଆଦାୟ କରିବା ଉପରେ ଅଧିକାରୀମାନେ ଧ୍ୟାନଦେବା ଉଚିତ୍ । ସେ କହିଛନ୍ତି, ଏହି ଅଧିକାମାନେ ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଚୋରା କାରବାର, ଅର୍ଥନୈତିକ ଠକେଇ, ଅବୈଧ ବାଣିଜ୍ୟକୁ ରୋକିବା ସହ ଆଇନ୍‌ଗତ ବ୍ୟବସାୟ ତଥା ବୈଶ୍ୱିକ ବାଣିଜ୍ୟ ଭାଗିଦାରିତାକୁ ପ୍ରୋତ୍ସାହନ ଦେଇଥାନ୍ତି ।

## ପିଏମ୍-ଇନ୍‌ଫିନିଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଗୁରୁବାର ଦିନ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାରତୀୟ ମହାକାଶ ଷ୍ଟାର୍ଟଅପ୍ ସ୍କାଏରୁଟ୍ ଇନ୍‌ଫିନିଟି କ୍ୟାମ୍ପସ୍‌ର ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ

ମୋଦୀ ବିକ୍ରମ-୧ ସ୍କାଏରୁଟ୍‌ର ପ୍ରଥମ ଅର୍ବିଟ୍ ରକେଟ୍‌ର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଇନ୍‌ଫିନିଟି କ୍ୟାମ୍ପସ୍ ୨ ଲକ୍ଷ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମାଣ କରାଯାଇଛି । ଯେଉଁଥିରେ ବିବିଧ ଅର୍ବିଟ୍ ରକେଟ୍ ଗୁଡ଼ିକର ନିର୍ମାଣ, ବିକାଶ, ସମନ୍ୱୟ ତଥା ପରୀକ୍ଷଣ କରାଯିବ ।

## ପିଏମ୍-ସାଏସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ହାଇଦ୍ରାବାଦ୍‌ରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜି.ଏମ୍.ଆର୍. ଏରୋସ୍ପେସ୍ ଏବଂ ଶିଳ୍ପ ପାର୍କ୍ ଠାରେ ଭାରତୀୟ ସାଫ୍ରନ୍ ଏୟାର୍‌କ୍ରାଫ୍ଟ ଏବଂ ଇଞ୍ଜିନ୍ ସେବା ସାଏସି ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ସାଏସି ହେଉଛି – ଏକ ଅଗ୍ରଣୀ ବିମାନ, ରକ୍ଷଣାବେକ୍ଷଣ, ମରାମତି ବ୍ୟବସ୍ଥା ଯେଉଁଥିରେ ପ୍ରଥମଥର ପାଇଁ ବିମାନ ଗୁଡ଼ିକର ବୈଶ୍ୱିକ ଇଞ୍ଜିନ୍ ବ୍ୟବସ୍ଥାର ସୁଦୃଢ଼ିକରଣ ଏବଂ ରକ୍ଷଣାବେକ୍ଷଣ କରାଯିବାକୁ ଏହି ସୁବିଧା ହାଇଦ୍ରାବାଦ୍‌ଠାରେ ଉପଲବ୍ଧ ହେବ ।

## ଲେବର୍ କୋଡ୍ସ

ଦେଶରେ ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀକୁ ପି.ଏଚ୍.ଡି. ଚେମ୍ବର ଅଫ୍ କମର୍ସ୍ ଏବଂ ଇଣ୍ଡଷ୍ଟ୍ରିର ଡେପୁଟି ସେକ୍ରେଟାରୀ ଜେନେରାଲ୍ ଜ୍ୟୋତିନ୍ଦର ସିଂହ ସ୍ୱାଗତ କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା କରି ଶ୍ରୀ ସିଂହ କହିଛନ୍ତି, ଏହି ନୂତନ ଶ୍ରମ ସଂହିତା ଶ୍ରମିକମାନଙ୍କ ମଜୁରୀରେ ସମାନତା ଆଣିବାରେ ସହାୟକ ହେବ । ଏହା ସହ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ ବୋଲି ସେ କହିଛନ୍ତି । ଏହି ଶ୍ରମ ସଂହିତା ଲାଗୁ ହେବା ଫଳରେ ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣ ବୃଦ୍ଧି ପାଇବା ସହ ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିବ । ଏହି ଶ୍ରମ ସଂହିତା ଆସିବା ଦ୍ୱାରା ଯେକୌଣସି କ୍ଷେତ୍ରରେ ଶ୍ରମିକମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ।

## ସିଭିଲ୍ ଆଭିଏସନ୍

ଇଥିଓପିଆର ହାଇଲିଗୁବି ଜ୍ୱାଳାମୁଖୀ ପ୍ରାୟ ୧୦ ହଜାର ବର୍ଷ ପରେ ସକ୍ରିୟ ହୋଇଥିବାରୁ ସେଥିରୁ ବାହାରୁଥିବା ଧୂଆଁ ଓ ପାଉଁଶ ଯୋଗୁଁ ବିମାନ ଚଳାଚଳ କ୍ଷେତ୍ରରେ ଅସୁବିଧା ପରିଲକ୍ଷିତ ହୋଇଥିଲା । ତେବେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ସେଠାରେ ସ୍ୱାଭାବିକ ଅବସ୍ଥା ଫେରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ମନ୍ତ୍ରଣାଳୟ କହିଛି, ସମଗ୍ର ଭାରତରେ ବିମାନ ଉଡ଼ାଣ ସୁରୁଖୁରୁରେ ଚାଲିଛି । ତେବେ କେତେକ ବିମାନର ଉଡ଼ାଣ ମାର୍ଗରେ ପରିବର୍ତ୍ତନ କରାଯାଇଛି । ଭାରତୀୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଏ ସମ୍ପର୍କରେ ପୂର୍ବରୁ ପରାମର୍ଶବଳୀ ଜାରି କରିଥିଲା । ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି । ଭାରତୀୟ ପାଣିପାଗ ବିଭାଗ ଆନ୍ତର୍ଜାତିକ ବେସାମରିକ ସଂସ୍ଥା, ଏୟାର୍ ଟ୍ରାଫିକ୍ ନିୟନ୍ତ୍ରଣ ସଂସ୍ଥା ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସମନ୍ୱୟ ରକ୍ଷା କରି ଏ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରୁଛି ।

## ବଦ୍ରିନାଥ ଧାମ

ଉତ୍ତରାଖଣ୍ଡ ଚାମୋଲି ଜିଲ୍ଲାରେ ଥିବା ବଦ୍ରିନାଥଧାମ ପୋର୍ଟାଲ୍‌କୁ ସରକାର ଆଜି ବନ୍ଦ କରିଛନ୍ତି । ଶୀତ ଋତୁକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣ ୨ଟା ୫୬ ମିନିଟ୍ ଠାରୁ ଏହି ପୋର୍ଟାଲ୍‌କୁ ବନ୍ଦ ରଖାଯାଇଛି । ଏଥିସହ ବଦ୍ରିନାଥ ଧାମକୁ ଯାତ୍ରା କରିବାକୁ ଥିବା ଶ୍ରଦ୍ଧାମାନଙ୍କୁ ସେଠାକୁ ଯିବାକୁ ବାରଣ କରାଯାଇଛି ।

## ଇଫି-ଧର୍ମେନ୍ଦ୍ର ଟ୍ରିବ୍ୟୁଟ୍

ଭାରତର ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବର ଆୟୋଜକ (ଇଫି) ପକ୍ଷରୁ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଧର୍ମେନ୍ଦ୍ରଙ୍କୁ ଭାରତୀୟ ସିନେମାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛି । ଚଳଚ୍ଚିତ୍ର ନିର୍ମାତା ରାହୁଲ ରାୱେଲ୍ ଧର୍ମେନ୍ଦ୍ରଙ୍କୁ ଏକ ବିଶିଷ୍ଟ ଅଭିନେତା ତଥା ଅନନ୍ୟ ମଣିଷ ଭାବେ ମନେ ପକାଇବା ସହିତ ଚଳଚ୍ଚିତ୍ର ପ୍ରତି ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି କହିଛନ୍ତି । ମେରା ନାମ୍ ଜୋକର୍ ଏବଂ ବେତାବ୍ ଭଳି ଚଳଚ୍ଚିତ୍ର ଧର୍ମେନ୍ଦ୍ରଙ୍କ ବଳିଷ୍ଠ ଅଭିନୟ ତଥା ଚଳଚ୍ଚିତ୍ରକୁ ଭଲ ପାଇବାର ପ୍ରମାଣ ବୋଲି ସେ କହିଛନ୍ତି ।

ଇଫି ଆୟୋଜକଙ୍କ ପକ୍ଷରୁ ଧର୍ମେନ୍ଦ୍ରଙ୍କୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଧର୍ମେନ୍ଦ୍ରଙ୍କ ସମୟକୁ ହିନ୍ଦୀ ସିନେମାର ସୁବର୍ଣ୍ଣ ଯୁଗ ବୋଲି ଅଭିହିତ କରାଯାଇଛି ।

## କ୍ରିକେଟ୍

ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନର ଖେଳର ଷ୍ଟମ୍ପ୍ ଅପସାରଣ ବେଳକୁ ଭାରତୀୟ ବ୍ୟାଟସ୍‌ମ୍ୟାନ୍ ସାଇ

ସୁଦର୍ଶନ ୨ରନ୍ ଏବଂ କୁଲଦୀପ ଯାଦବ ୪ ରନ୍ କରି କ୍ରିଜ୍‌ରେ ଅପରାଜିତ ଥିବାବେଳେ ଭାରତର ୨୭ ରନ୍ ସ୍କୋର ହୋଇଥିଲା ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫ ଓ୍ୱିକେଟ୍ ହରାଇ ୨୬୦ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ଓ୍ୱିକେଟ୍ ନେଇଥିବା ବେଳେ ଓ୍ୱାଶିଂଟନ୍ ସୁନ୍ଦର ଗୋଟିଏ ଓ୍ୱିକେଟ୍ ହାସଲ କରିଥିଲେ । ଭାରତୀୟ ଦଳ ପ୍ରଥମ ଇନିଂସରେ ତୃତୀୟ ଦିନର ଖେଳରେ ୨୦୧ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ରନ୍ କରିଥିଲା ।

କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଭାରତକୁ ୩୦ରନ୍‌ରେ ପରାସ୍ତ କରି ସିରିଜ୍ ୧-୦ ଅଗ୍ରଣୀ ରହିଛି ।